بسم الله الرحمٰن الرحیم

ଖୁତବା ଜୁମା୨୧ ଡ଼ିସେମ୍ବର ୨୦୧୮ର ସାରାଂଶ
ସ୍ଥାନ- ମସଜିଦ୍ ବୟତୁଲ୍ ଫୁତୁହ୍,ମର୍ଡନ୍ ଲଣ୍ଡନ

# ହଜ଼ରତ୍ ଖଲଫତୁଲ୍ ମସିହ୍ ସାଲସ୍ ରେ.ଅଙ୍କ ଜ୍ୟୋଷ୍ଠ ପୁତ୍ର, ସୟେଦନା ହଜ଼ରତ୍ ମୁସଲେହ୍ ମଉଦ୍ ର.ଅଙ୍କ ପୌତ୍ର, ହଜ଼ରତ୍ ନବ୍ୱାବ୍ ମୁବାରକା ବେଗମ୍ ସାହେବା ଏବଂ ନବ୍ୱାବ୍ ମହମ୍ମଦ୍ ଅଲୀ ଖାନ୍ ସାହେବ୍ ର.ଅଙ୍କ ନାତ, ହୁଜୁର୍ ପୁର୍ ନୁର୍ ଅ.ବଙ୍କ ମାମୁଁଙ୍କ ପୁତ୍ର ସ୍ୱର୍ଗତ ମିର୍ଜା ଅନସ୍ ଅହମଦ୍ ସାହେବଙ୍କ ସୁଗୁଣାବଳୀର ବଶ୍ୱାସବର୍ଦ୍ଧକ ଏବଂ ମନମୁଗ୍ଧକର ଚର୍ଚ୍ଚା ।

ତଶହୁଦ୍, ତଉଜ୍ ଏବଂ ସୁରେ ଫାତିହାର ଆବୃତ୍ତି ପରେ ହୁଜୁର ଅନୱର୍ ଅୟେଦହୁଲ୍ଲାଃହୁ ତାଆଲା ବିନସ୍ରେହିଲ୍ ଅଜ଼ିଜ୍ କହିଲେ : ମିର୍ଜା ଅନସ୍ ଅହମଦ୍ ସାହେବ୍ ହଜ଼ରତ୍ ଖଲିଫତୁଲ୍ ମସିହ୍ ସାଲିସ୍ ରେ.ଅଙ୍କ ଜ୍ୟୋଷ୍ଠ ପୁତ୍ର ଥିଲେ । ଗତ କିଛି ଦିନ ତଳେ ତାଙ୍କର ରବୱା ଠାରେ ୮୧ ବର୍ଷ ବୟସରେ ଦେହାନ୍ତ ହୋଇଥିଲା । **ଇନ୍ନା ଲିଲ୍ଲାଃହି ୱ ଇନ୍ନା ଇଲେହି ରାଜିଉନ୍** । ସେ ହଜ଼ରତ୍ ମୁସଲେହ୍ ମଉଦ୍ ର.ଅଙ୍କ ଜ୍ୟୋଷ୍ଠ ପୌତ୍ର ଥିଲେ ଏବଂ ହଜ଼ରତ୍ ନୱାବ୍ ମୁବାରକା ବେଗମ୍ ସାହେବା ଏବଂ ନୱାବ୍ ମହମ୍ମଦ୍ ଅଲୀ ଖାନ୍ ସାହେବଙ୍କର ନାତି ଥିଲେ । ଏହି ଦୃଷ୍ଟିକୋଣରୁ ବିଚାର କଲେ ସେ ମୋ ମାମୁଁଙ୍କର ପୁତ୍ର ଏବଂ ମୋର ଭାଇ ଥିଲେ । ପ୍ରାରମ୍ଭିକ ଶିକ୍ଷା କାଦିୟାନ୍ ଠାରୁ ସେ ପ୍ରାପ୍ତ କରିଥିଲେ । ପୁନଶ୍ଚ ରବୱା ଠାରେ ସେ ନିଜର ମଧ୍ୟକାଳୀନ ଶିକ୍ଷା ଶେଷ କରିଥିଲେ । ପୁନଶ୍ଚ ପଞ୍ଜାବ ବିଶ୍ୱବିଦ୍ୟାଳୟରୁ ସେ ସ୍ନାତୋକତ୍ତରରେ ସଫଳତା ପ୍ରାପ୍ତ କରିଥିଲେ । ପୁନଶ୍ଚ କିଛି କାଳ ସେହି ବିଶ୍ୱବିଦ୍ୟାଳୟରେ ସେବା କରିଥିଲେ ଏବଂ ଇଂଲଣ୍ଡର ଅକ୍ସଫୋର୍ଡ ବିଶ୍ୱବିଦ୍ୟାଳୟରୁ ଏମ୍.ଏ ପାସ୍ କରିଥିଲେ । ୧୯୫୫ ମସିହାରେ ସେ ନିଜର ଜୀବନକୁ ଈଶ୍ୱର୍ ତଥା ଧର୍ମ ଉଦ୍ଦେଶ୍ୟରେ ଉତ୍ସର୍ଗ କରିଥିଲେ ଏବଂ ୧୯୬୨ ମସିହାରେ ବ୍ୟବହାରିକ ଜୀବନରେ ସେ ପ୍ରଥମେ ପାଦ ଦେଇଥିଲେ । ଅକ୍ଳାନ୍ତ ପରିଶ୍ରମର, ନିଷ୍ଠା,ସାହାସ ଏବଂ ରୁଚିର ସହିତ କାମ କରିବାରେ ସେ ଅଭ୍ୟସ୍ତ ଥିଲେ । ଇଲମେ ହଦିସ୍ ଏବଂ ଦର୍ଶନଶାସ୍ତ୍ର ଏବଂ ଇଂରାଜୀ ସାହିତ୍ୟରେ ତାଙ୍କର ଅଗାଧ ତଥା ଗଭୀର ଅଧ୍ୟୟନଗତ ଜ୍ଞାନ ରହିଥିଲା । ବିଶେଷକରି ହଦିସ୍ ପ୍ରତି ତାଙ୍କର ଅଧିକ ରୁଚି ରହିଥିଲା । ନିଜର ଅଭିରୁଚି କ୍ରମେ ସେ ହଦିସର ପ୍ରାଥମିକ ଶିକ୍ଷା ସ୍ୱର୍ଗତ ଶ୍ରୀଯୁକ୍ତ ମୌଲବୀ ଖୁରଶିଦ୍ ଅହମଦ୍ ସାହେବଙ୍କ ଠାରୁ ପ୍ରାପ୍ତ କରିଥିଲେ । ନିଜ ଘରେ ମଧ୍ୟ ତାଙ୍କର ଏକ ସ୍ୱତନ୍ତ୍ର ପାଠାଗାର ମଧ୍ୟ ରହିଥିଲା । ସେଠାରେ ସେ ଦୁର୍ଲଭ ପୁସ୍ତକ ମଧ୍ୟ ରଖୁଥିଲେ । ଯେତେବେଳେ ତାଙ୍କ ନିକଟକୁ ଯେକୌଣସି ଛାତ୍ର ମାର୍ଗଦର୍ଶନ ନିମନ୍ତେ ଆସୁଥିଲେ ସେତେବେଳେ ସେ ଖୁବ୍ ଭଲଭାବରେ ସେହି ଛାତ୍ରମାନଙ୍କୁ ଜ୍ଞାତବ୍ୟ ଶିକ୍ଷା ପ୍ରଦାନ କରୁଥିଲେ । ହଦିସର ମୌଳିକ ତଥା ଆବଶ୍ୟକୀୟ ପୁସ୍ତକଗୁଡ଼ିକର ସେଟ୍ ମଧ୍ୟ ତାଙ୍କ ପାଖରେ ମହଜୁଦ୍ ରହିଥିଲା ଏବଂ ବିଭିନ୍ନ ପୁସ୍ତକାଳୟରୁ ସେ ଏହି ଦୁର୍ଲଭ୍ୟ ପୁସ୍ତକଗୁଡ଼ିକୁ ଏକତ୍ର କରିଥିଲେ ।

ଯେତେବେଳେ ୧୯୫୫ ମସିହାରେ ସେ ନିଜର ଜୀବନକୁ (ୱକ଼ଫ୍) ଉତ୍ସର୍ଗ କରିଲେ ସେତେବେଳେ ହଜ଼ରତ୍ ମୁସଲେହ୍ ମଉଦ୍ ର.ଅ ତାଙ୍କର ଚର୍ଚ୍ଚା କରି କହିଲେ ଯେ, ମୁଁ ଜମାତରେ ଯେଉଁ ୱକ଼ଫର ତେହରିକ୍ ପ୍ରାରମ୍ଭ କରିଛି ତାହା ପରେ ମୋ ନିକଟକୁ ମାତ୍ର ତିନୋଟି ଦରଖାସ୍ତ ହସ୍ତଗତ ହୋଇଛି । ପ୍ରଥମଟି ହେଉଛି ମିର୍ଜା ଅନସ୍ ଅହମଦ୍ ସାହେବଙ୍କର । ଯିଏକି ଅଜ଼ିଜ଼ମ୍ ମିର୍ଜା ନାସିର୍ ଅହମଦ୍ ସାହେବଙ୍କର ସୁପୁତ୍ର ଥିଲେ । ଅଲ୍ଲାଃତାଲା ତାକୁ ନିଜର ଅନ୍ତର୍ନିହିତ ଉଦ୍ଦେଶ୍ୟକୁ ସାଫଲ୍ୟ କରିବା ପାଇଁ ସାମର୍ଥ୍ୟ ପ୍ରଦାନ କରନ୍ତୁ ଏବଂ ଅନସ୍ ଅହମଦ୍ ଉଲ୍ଲେଖ କରିଛନ୍ତି ଯେ, ମୋର ଲକ୍ଷ୍ୟ ଥିଲା ଯେ, ମୁଁ ଆଇନ୍ ଶିକ୍ଷା କରି ସାରିବା ପରେ ନିଜର ଜୀବନକୁ ୱକଫ୍ କରିବି । କିନ୍ତୁ ବର୍ତ୍ତମାନ ଆପଣ ଯେଉଁଠି ଚାହୁଁଛନ୍ତି ମୋତେ ସେଇଠି ନିୟୋଜିତ କରିପାରନ୍ତି । ମୁଁ ପ୍ରତ୍ୟେକ ରୂପେ ପ୍ରସ୍ତୁତ ଅଟେ ।

ଅଲ୍ଲାଃତାଲାଙ୍କ କୃପାରୁ ୫୬ ବର୍ଷ ବୟସ ପର୍ଯ୍ୟନ୍ତ ତାଙ୍କୁ ବିଭିନ୍ନ ଜମାଅତି କାର୍ଯ୍ୟାଳୟମାନଙ୍କରେ ସେବା କରିବାର ସୁଯୋଗ ତଥା ସାମର୍ଥ୍ୟ ମିଳିଥିଲା । ତାଙ୍କର ପ୍ରଥମ ନିଯୁକ୍ତି ତାଲିମୁଲ୍ ଇସଲାମ୍ କଲେଜ୍ ଠାରେ ଜଣେ **ଅଧ୍ୟାପକ ହିସାବରେ** ହୋଇଥିଲା । ପୁନଶ୍ଚ ୧୯୭୫ ମସିହାରେ **ନାଏବ୍ ନାଜିର୍ ଇସଲାହ୍ ୱ ଇରଶାଦ୍** ଭାବେ ସେ ନିଯୁକ୍ତ ହୋଇଥିଲେ । ଏହାପରେ ସେ ଅତିରିକ୍ତ **ନାଜିର୍ ଇସାଲାହ୍ ୱ ଇରଶାଦ୍** ଭାବେ ନିଯୁକ୍ତ ହୋଇଥିଲେ । ସେ ହଜ଼ରତ୍ ଖଲିଫତୁଲ୍ ମସିହ୍ ସାଲିସ୍ ରେ.ଅଙ୍କର ବ୍ୟକ୍ତିଗତ ସହାୟକ ମଧ୍ୟ ଥିଲେ । ତାଙ୍କୁ ଯାମିୟା ଅହମଦିୟାର ପ୍ରଶାସନିକ ଦାୟୀତ୍ୱଭାର ତୁଲାଇବାକୁ ସୌଭାଗ୍ୟ ମଧ୍ୟ ପ୍ରାପ୍ତ ହୋଇଥିଲା । କିଛି ବର୍ଷ ସେ **ନାଜ଼ିର୍ ତାଲିମ୍** ହିସାବରେ ମଧ୍ୟ ଦାୟୀତ୍ୱଭାର ତୁଲାଇଥିଲେ ଏବଂ ସେହିପରି ସେ **ନାଏବ୍ ନାଜ଼ିର୍ ଦିୱାନ୍** ଭାବେ ମଧ୍ୟ ସେ ସେବା କରି ଆସିଥିଲେ । ବର୍ତ୍ତମାନ ସେ **ୱକିଲୁଲ୍**

**ତନସିଫ୍** ପଦବୀରେ ନିୟୋଜିତ ହୋଇଥିଲେ । ୧୯୭୭ ମସିହାରେ ତାଙ୍କର ଅବସର ହୋଇଥିଲା । କିନ୍ତୁ ଜୀବନର ଶେଷମୁହୂର୍ତ୍ତ ପର୍ଯ୍ୟନ୍ତ ତାଙ୍କୁ ସେବା କରିବାର ସୌଭାଗ୍ୟ ପ୍ରାପ୍ତ ହୋଇଥିଲା । ଖୁଦ୍ଦାମୁଲ୍ ଅହମଦିୟା ଏବଂ ଅନସାରୁଲ୍ଲାଃ ମରକଜିୟାରେ ତାଙ୍କୁ ସେବା କରିବାର ସୌଭାଗ୍ୟ ପ୍ରାପ୍ତ ହୋଇଥିଲା । ବରାହିନେ ଅହମଦିୟା ଏବଂ ମେହମୁଦ୍ କି ଆମିନ୍ ପୁସ୍ତକର ସେ ଇଂରାଜୀ ଅନୁବାଦ କରିଥିଲେ । ଯାହାକି ପ୍ରକାଶିତ ମଧ୍ୟ ହୋଇଯାଇଛି । ଆଜିକାଲି ସେ ସୁରମା ଚଶମା ଆର୍ଯ୍ୟା, ଇଜ୍ଞାଲା ଅହାମ୍ ଏବଂ ଦୁର୍ ରେ ସମିନର ଇଂରାଜୀ ଅନୁବାଦର ପୁନଃ ନିରୀକ୍ଷଣ କାର୍ଯ୍ୟରେ ଅଭ୍ୟସ୍ତ ଥିଲେ । ନାସିର୍ ଫାଉଣ୍ଡେଶନ୍ ଅଧୀନରେ ଆମର ଯେଉଁ ସ୍କୁଲ୍ ସବୁ ଆରମ୍ଭ କରାଯାଇଥିଲା । ତାହାର ମଧ୍ୟ ସେ ଚେୟାରମ୍ୟାନ ଥିଲେ । ମଜଲିସେ ଇଫତାର ସଦସ୍ୟ ମଧ୍ୟ ଥିଲେ, ନୁର୍ ଫାଉଣ୍ଡେଶନ୍ ବୋର୍ଡର ମଧ୍ୟ ସଦସ୍ୟ ଥିଲେ । ନୁର୍ ଫାଉଣ୍ଡେଶନର ଏହି ଅଭିପ୍ରାୟ ବା ଉଦ୍ଦେଶ୍ୟ ରଖି ସ୍ଥାପନ କରାଯାଇଥିଲା ଯେ, ଯେପରି ଆହାଦିସର ପୁସ୍ତକ ଗୁଡ଼ିକୁ ଜମାଅତି ରୂପେ ଓ ଜମାଅତ୍ ଉଦ୍ୟମରେ ପ୍ରକାଶନ କରଯାଉ ଏବଂ ଅନୁବାଦ ଏବଂ ବ୍ୟାଖ୍ୟା ବା ଭାବାର୍ଥ ଲେଖା ଯାଉ । ସେ ମସନଦ୍ ଅହମଦ୍ ବିନ୍ ହମ୍ବଲଙ୍କର ଉର୍ଦ୍ଦୁ ଅନୁବାଦ କରୁଥିଲେ ।

ତାଙ୍କର ଜ୍ୱାଇଁ ମିର୍ଜା ୱହିଦ୍ ଅହମଦ୍ ସାହେବ୍ ଉଲ୍ଲେଖ କରନ୍ତି ଯେ, ଏକଦା ମୁଁ ବୁଖାରା ଏବଂ ସମରକନ୍ଦ ଅଭିମୁଖେ ଯାତ୍ରାରେ ଯାଉଥିଲି । ସେତେବେଳେ ମିର୍ଜା ଅନସ୍ ଅହମଦ୍ ସାହେବ୍ ମୋତେ କହିଲେ ଯେ, ତୁମେ ସେଠାକୁ ଯାଉଛ ତେବେ ତୁମେ ସେଠାରେ ଇମାମ୍ ବୁଖାରୀ ରେ.ଅଙ୍କ କବର ନିକଟକୁ ଯାଇ ମୋ ତରଫରୁ ପ୍ରାର୍ଥନା କରି ମୋର ସଲାମ୍ ମଧ୍ୟ ଜଣାଇବ । ଯିଏ କି ଆଁହଜ୍ରତ୍ ସ.ଅଙ୍କର କଥନ, ମୁଖ ନିଶୃତ ବାଣୀକୁ, ଆଦେଶକୁ ଏବଂ ଘଟଣାବଳୀ ଗୁଡ଼ିକର ବିଶାଳ ଧନାଗାର ଏକତ୍ର କରି ଆମ ପର୍ଯ୍ୟନ୍ତ ପହଞ୍ଚାଇଥିଲେ । ସୁତରାଂ ଆମର ଏହା କର୍ତ୍ତବ୍ୟ ରହିଛି ଯେ, ଆମ୍ଭେମାନେ ତାଙ୍କ ପାଇଁ ପ୍ରାର୍ଥନା କରିବୁ ଏବଂ ତାଙ୍କୁ ସଲାମ ଜଣାଇବୁ ।

ଡ଼.ନୁରୀ ସାହେବ୍ ଉଲ୍ଲଖ କରନ୍ତି ଯେ, ଆପଣଙ୍କୁ ଯେଉଁ କାର୍ଯ୍ୟ ତୁଲାଇବାକୁ କହୁଯାଇଛି ଆପଣ ଉତ୍ସାହର ସହିତ ସେହି କାର୍ଯ୍ୟକୁ ସଂପୂର୍ଣ୍ଣ କରନ୍ତୁ । ସେ ଆପ୍ରାଣ ଚେଷ୍ଟା ଏବଂ ଅକ୍ଳାନ୍ତ ପରିଶ୍ରମ ଏବଂ ଧ୍ୟାନର ସହିତ ନିଜର କାର୍ଯ୍ୟକୁ ସମ୍ପୂର୍ଣ୍ଣ ରୂପେ ଶେଷ କରୁଥିଲେ । ରୋଗ ଦୁର୍ବଳତା ହେବା ସତ୍ତ୍ୱେ ଘଣ୍ଟା ଘଣ୍ଟା ଧରି ମୁଁ ତାଙ୍କୁ ଲ୍ୟାପଟପରେ ହଜ୍ରତ୍ ମସିହ୍ ମଉଦ୍ ଅ.ସଙ୍କର ପୁସ୍ତକର ଆନୁବାଦ କାମ କରୁଥିବାର ଦେଖଅଛି । ସେ ସର୍ବଦା ଏହା କହୁଥିଲେ ଯେ, ମୋର କେବଳ ଏତିକି ଅଭିଳାଷା ଯେ, ଉପସ୍ଥିତ ଖଲିଫା ମୋ ଉପରେ ଯେଉଁ କାର୍ଯ୍ୟ ନ୍ୟସ୍ତ କରିଅଛନ୍ତି ମୁଁ ଅଲ୍ଲାଃତାଲାଙ୍କ ଠାରୁ କୃପା, ସାହାଯ୍ୟ ଭିକ୍ଷା କରି ସେହି କାର୍ଯ୍ୟକୁ ଯେପରି ସଂପୂର୍ଣ୍ଣ କରି ଦିଏ । ସେ ହଜ୍ରତ୍ ମସିହ୍ ମଉଦ୍ ଅ.ସ ଏବଂ ଖୋଲୋଫାମାନଙ୍କର ଘଟଣାବଳୀ ଗୁଡ଼ିକୁ ଅତ୍ୟନ୍ତ ଉତ୍ସାହ ତଥା ଭାବବିହ୍ୱଳ, ଅତ୍ୟନ୍ତ ସୌମ୍ୟ ଏବଂ କମନୀୟ ଶୈଳୀରେ ଉପସ୍ଥାପନ କରୁଥିଲେ । ଯାହାଫଳରେକି ଶ୍ରୋତାର ମନକୁ ଜିଣିପାରିବାରେ ସେ ସକ୍ଷମ ହୋଇପାରିଥିଲେ ଏବଂ ଘଟଣାବଳୀ ବର୍ଣ୍ଣନା କଲାବେଳେ ତାଙ୍କୁ ଚକ୍ଷୁ ଅଶ୍ରୁଳ ହୋଇଯାଉଥିଲା ଏବଂ ପାଟିରୁ ବାହାରୁଥିବା ଶବ୍ଦରେ ମଧ୍ୟ ଲୁହଭରା କୋହ ବାହାରି ପଡୁଥିଲା । ଯେକୌଣସି ପରିସ୍ଥିତି ହେଉ ନା କାହିଁକି ସେ ସର୍ବଦା ଧୌର୍ଯ୍ୟ ଓ ସାହାସର ପରିଚୟ ଦେଇ ଆସିଛନ୍ତି । ସାହାସର ସହିତ ସେ ପ୍ରତ୍ୟେକ ଅଭାବ ତଥା ଅସୁବିଧାକୁ ସେ ସହ୍ୟ କରିନେଇଛନ୍ତି । ରୋଗାଗ୍ରସ୍ତ ହୋଇଥିବା ଯୋଗୁଁ ନା ସେ ଚାହାର ପିଆଲା ଉଠାଇ ପାରୁଥିଲେ ଏବଂ ନା ହିଁ ସେ ଶୟନ ଶଯ୍ୟା ଉପରେ ନିଜର ପାର୍ଶ୍ୱ ପରିବର୍ତ୍ତନ କରିପାରୁଥିଲେ । କିନ୍ତୁ ଏହା ସତ୍ତ୍ୱେ ବି ସେ ସର୍ବଦା ନିଜର କାମ ଜାରି ରଖିଥିଲେ ଏବଂ ଅତ୍ୟନ୍ତ ସାହାସିକତାର ସହିତ ସେ ନିଜର ଦାୟୀତ୍ୱ ସମ୍ପନ୍ନ କରିଥିଲେ ଏବଂ କେବେହେଲେ ସେ ନିଜ ବିରୁଦ୍ଧରେ କୌଣସି ଅଭିଯୋଗ ଏବଂ ଆପତ୍ତିର ସୁଯୋଗ ଦେଇ ନାହାନ୍ତି । ବରଂ ଅଲ୍ଲାଃତାଲାଙ୍କ ସ୍ୱୀକୃତି, ପ୍ରସନ୍ନତା ସହିତ ସହମତି ଏବଂ ପ୍ରସନ୍ନିତ ଥିଲେ ।

ସ୍ୱର୍ଗତ ମୀର୍ ଦାଉଦ୍ ଅହମଦଙ୍କର ସୁପୁତ୍ରୀ ନୁଦରତ୍ ସାହେବା ବର୍ଣ୍ଣନା କରନ୍ତି ଯେ, ମୋ ପୁତ୍ରୀର ବିବାହ ପର୍ବ ଥିଲା ମୁଁ ବ୍ୟବସ୍ଥାର ନିରୀକ୍ଷଣ କରିବା ନିମନ୍ତେ ମାର୍କି (ଶିବିର) ମଧ୍ୟକୁ ଯେତେବେଳେ ପ୍ରବେଶ କଲି ସେତେବେଳେ ସେଠାରେ ମୋ ଭାଇ ଅନସ୍ ଅହମଦ୍ ସାହେବ୍ ପୂର୍ବରୁ ବସିଥିଲେ ଏବଂ କାନ୍ଦୁ ଥିଲେ । ମୁଁ ଆଶ୍ଚର୍ଯ୍ୟ ହେଲି ଏବଂ ତାଙ୍କୁ ପଚରିଲି ଯେ, ଆପଣ ଏଠାରେ ଏତେ ଶୀଘ୍ର କାହିଁକି ଆସିଲେ ? ତେବେ ସେ ମୋତେ ଦେଖି ଏହା ଉତ୍ତର ଦେଲେ ଯେ, ଆଜି ମୋତେ ତୁମର ସ୍ୱର୍ଗତ ପିତାଶ୍ରୀ (ମୀର୍ ଦାଉଦ୍ ଅହମଦ୍ ସାହେବଙ୍କର) ବହୁତ ମନେ ପଡୁଥିଲେ । ତେଣୁ ମୁଁ ଏଠାକୁ ଆସି ତୁମ ପାଇଁ ପ୍ରାର୍ଥନା କରୁଥିଲି । ତାଙ୍କର ଭଣଜା ଆମିର୍ ଅହମଦ୍ ଉଲ୍ଲେଖ କରନ୍ତି ଯେ, ସୁଖ ଦୁଃଖରେ ସେ ଜଣେ ପ୍ରେମକାରୀ ପିତାଙ୍କ ସଦୃଶ ଏହି ବିବାହ ପର୍ବରେ ଉପସ୍ଥିତ ରହିଥିଲେ । ସମସ୍ତଙ୍କ ଘରେ ଉଚ୍ଚ ନୀଚର ତାରତମ୍ୟ ଦେଖା ଦେଇଥାଏ । କିନ୍ତୁ ସେ ଏହାକୁ କ୍ଷମା କରିଦେଇ ଥାଆନ୍ତି । ଯେପରି କି କିଛି ଘଟି ନାହିଁ । ବରଂ ସେ ଏହା ଅନୁଭବ କରୁଥିଲେ ଯେ, ଯଦି ମୋ ଯୋଗୁଁ କୌଣସି ବ୍ୟକ୍ତିକୁ କଷ୍ଟ ସହ୍ୟ କରିବାକୁ ପଡିଛି୍ ତେବେ ସେ ସେହି ବ୍ୟକ୍ତିକୁ ହିତୋପଦେଶ ଦେବା ସତ୍ତ୍ୱେ ସ୍ୱୟଂ ସେହି ବ୍ୟକ୍ତି ଠାରୁ କ୍ଷମା ମଧ୍ୟ ମାଗୁଥିଲେ ।

ମୁନିରୁଦ୍ଦୀନ୍ ସାହେବ୍ ଏଡିଶନାଲ୍ ୱକିଲୁତ୍ ତନସିଫ୍ ବର୍ଣ୍ଣନା କରନ୍ତି ଯେ, ମୁଁ ସର୍ବଦା ତାଙ୍କୁ ସହାନୁଭୂତି କରୁଥିବା ଏବଂ ଏକ ଦୟାଳୁ ବ୍ୟକ୍ତି ରୂପେ ଦେଖିଅଛି । ସେ ସର୍ବଦା କହୁଥିଲେ ଯେ, ଅଧିକ କାମ ଦିଅନ୍ତୁ । କାରଣ ରୋଗରେ ଯେତେ ଅଧିକ କାମ କରିପାରିବି ତାହା ଭଲ ଅଟେ । ସେ ଖିଲାଫତ୍ ସହିତ ଅତ୍ୟନ୍ତ ନିଷ୍ଠା ଏବଂ ବିଶ୍ୱସତତାର ସଂପର୍କ ରଖିଥିଲେ । ହଜ଼ରତ୍ ମସିହ୍ ମଉଦ୍ ଅ.ସଙ୍କର କେତେକ ପୁସ୍ତକାଦିର ଇଂରାଜୀ ଅନୁବାଦ କରିବା କ୍ଷେତ୍ରରେ ପ୍ରଶଂସନୀୟ ତଥା ଅତୁଳନୀୟ ଯୋଗଦାନ କରିବାର ମଧ୍ୟ ତାଙ୍କୁ ସୌଭାଗ୍ୟ ପ୍ରାପ୍ତ ହୋଇଛି । ସେ ଯାହା ହେଉ ନା କାହିଁକି ସେ ଏକାଧାରରେ ଜଣେ ଜ୍ଞାନୀ ତଥା ବିଦ୍ୱାନ୍ ବ୍ୟକ୍ତି ଥିଲେ । ତାଙ୍କର ଏହି ଅକାଳ ବିୟୋଗ ଘଟିବା ଯୋଗୁଁ ଜମାଅତ୍ ସେହିସବୁ ଲାଭରୁ ବଞ୍ଚିତ ହୋଇଯାଇଛି । ଅଲ୍ଲାଃତାଲା ତାଙ୍କ ପରି ଆହୁରି ବିଦ୍ୱାନ ଏବଂ ଜ୍ଞାନୀଲୋକ ଏହି ଜମାଅତରେ ଆବିର୍ଭାବ କରନ୍ତୁ । ପ୍ରତ୍ୟେକ ବ୍ୟକ୍ତି ତାଙ୍କ ବିଷୟରେ ଉଲ୍ଲେଖ କରିଛନ୍ତି ସେ ମୁବଲ୍ଲିଗ୍ (ଧର୍ମପ୍ରଚାରକ) ମାନଙ୍କୁ ସର୍ବଦା ସମ୍ମାନ ଜଣାଉଥିଲେ । ଶୈକ୍ଷିକ ରୂପେ ସେ ମୁବଲ୍ଲିଗମାନଙ୍କୁ ଦିଗଦର୍ଶନ ମଧ୍ୟ ଦେଉଥିଲେ ।

ହାଫିଜ୍ ମୁଜ଼ଫ୍ଫର୍ ଅହମଦ୍ ସାହେବ୍ ବର୍ଣ୍ଣନା କରନ୍ତି ଯେ, ମିଆଁ ସେହେବ୍ ବିଭିନ୍ନ ବ୍ୟକ୍ତିତ୍ୱ ତଥା ଗୁଣାବଳୀର ଅଧିକାରୀ ଥିଲେ । ତାଙ୍କର ବିଶିଷ୍ଟ ଗୁଣାବଳୀଗୁଡ଼ିକ ହେଲା ; ଈଶ୍ୱରଭୀରୁ, ଈଶ୍ୱର ପ୍ରେମ, କୁରଆନ୍ ପ୍ରେମୀ, ରସୁଲ୍ ପ୍ରେମୀ, ବିନୀତ ତଥା ସରଳ ବ୍ୟକ୍ତିତ୍ୱ ଏବଂ ଦୟା ଓ ବିନମ୍ର ଆଦି ତାଙ୍କ ଠାରେ ସ୍ପଷ୍ଟ ରୂପେ ବିଦିତ ବା ବିରାଜିତ ଥିଲା । ଅଲ୍ଲାଃତାଲାଙ୍କ ଅଧିକାର ଏବଂ ଭକ୍ତମାନଙ୍କର ଅଧିକାର ପ୍ରତି ମଧ୍ୟ ସେ ବିଶେଷ ରୂପେ ଧ୍ୟାନ ରଖୁଥିଲେ । ଦରିଦ୍ର ଏବଂ ଅସହାୟ ଲୋକଙ୍କର ପ୍ରୟତ୍ନ ପ୍ରତି ସେ ସଚେତିତ ଥିଲେ । ସେ କୌଣସି ଅଭାବୀ ଓ ଅନଟନ ବ୍ୟକ୍ତିଙ୍କୁ ଶୂନ୍ୟ ହସ୍ତରେ ଫେରିବାକୁ ଦେଉ ନଥିଲେ । ସେ ଜଣେ ବିଦ୍ୱାନ ବ୍ୟକ୍ତି ଥିଲେ । ଜ୍ଞାନ ଆହରଣ କରିବା ତାଙ୍କର ଏକ ବିଶେଷ ଅଭିରୂଚି ଓ ପ୍ରବୃତ୍ତି ଥିଲା ଏବଂ ଏଥିପାଇଁ ସେ ଅକ୍ଳାନ୍ତ ଉଦ୍ୟମ ତଥା ପରିଶ୍ରମ ମଧ୍ୟ କରିଛନ୍ତି । ସେ ହଜ଼ରତ୍ ମସିହ୍ ମଉଦ୍ ଅ.ସଙ୍କ ସମଗ୍ର ପୁସ୍ତକର ଅଧ୍ୟୟନ ୧୫, ୧୬ ବର୍ଷ ବୟସରେ ଶେଷ କରିଥିଲେ । ହଦିସ୍ ଭଳି ପୁସ୍ତକର ଏକ ଉତ୍ତମ ତଥା ବହୁମୂଲ୍ୟ ଭଣ୍ଡାର ବା କୋଷ ପରି ବିଶାଳ ଧନରତ୍ନ ଠାରୁ ବି ଅଧିକ ସେ ନିଜର ପାଠାଗାରରେ ଏକତ୍ର କରିଥିଲେ । ଯେଉଁଥିରେ ସୁଲଭ ଏବଂ ଦୁର୍ଲଭ ପୁସ୍ତକଗୁଡ଼ିକ ମଧ୍ୟ ଉପଲବ୍ଧ ଅଟନ୍ତି । ସୁତରାଂ ଏହି ସବୁ ଦୃଷ୍ଟିକୋଣରୁ ତାଙ୍କର ନିଜସ୍ୱ ଲାଇବ୍ରେରୀ (ପାଠାଗାର) ଅନୁପମ ତଥା ଅଦ୍ୱିତୀୟର ଗୋଟିଏ ଗୋଟିଏ ଜୀବନ୍ତ ଉଦାହରଣ ସଦୃଶ । ତାଙ୍କର ହଦିସ୍ ଶିକ୍ଷା ପ୍ରତି ଏତେ ଅଭିରୂଚି ଥିଲା ଯେ, ତାହାର ଅନ୍ୟାନ୍ୟ ଦିଗ ଓ ବିଷୟ ପ୍ରତି ଅର୍ଥାତ୍ **ଇଲମୁର୍ ରିଜାଲ୍** ଏବଂ **ଇଲମେ ଉସୁଲ୍** ପରି ହଦିସ୍ ପୁସ୍ତକ ମଧ୍ୟ ସେ ନିଜର ଲାଇବ୍ରେରୀରେ ଏକତ୍ରିତ କରିଥିଲେ । ହଦିସ୍ ପ୍ରତି ତାଙ୍କର ଯେଉଁ ଅଗାଧ ପ୍ରେମ ରହିଥିଲା ତାହାର ଏକ ସ୍ୱଷ୍, ଜ୍ୱଳନ୍ତ ତଥା ସୁନ୍ଦର ଦୃଶ୍ୟ ରମଜ଼ାନୁଲ୍ ମୁବାରକ ମାସର ଦରସେ ହଦିସରୁ ହିଁ ଜଣାପଡ଼ିଥାଏ । ସେ ନିୟମତ ରୂପେ ଓ ଅତ୍ୟନ୍ତ ପିରଶ୍ରମର ସହିତ ଦରସେ ହଦିସର ଦରସ୍ ଦେଉଥିଲେ । ଯାହାକି ସାଧାରଣତଃ **ସିରତ୍ ରସୁଲ୍ ସ.ଅଙ୍କ ବିଭିନ୍ନ ବିଷୟବସ୍ତୁ** ଉପରେ ପର୍ଯ୍ୟବେସିତ ଥିଲା ଏବଂ ତହିଁରେ ଦୁର୍ଲଭ ଏବଂ ବହୁମୂଲ୍ୟ ଭଣ୍ଡାର ସାଇତି ରଖିଥିଲେ ଏବଂ ସେହି ଗଚ୍ଛିତ ସମ୍ପଦରୁ ସେ ଲୋକମାନଙ୍କ ଆଗରେ ଉପସ୍ଥାପିତ କରୁଥିଲେ । ଜଲସା ସାଲାନା ରବୱାରେ ମଧ୍ୟ ତାଙ୍କୁ ଦୀର୍ଘ ବର୍ଷ ଧରି ବକ୍ତୃତା କରିବାର ସୌଭାଗ୍ୟ ପ୍ରାପ୍ତ ହୋଇଥିଲା ।

ଡ଼.ଇଫତେଖାର ସାହେବ୍ ଲଣ୍ଡନରୁ ଉଲ୍ଲେଖ କରନ୍ତି ଯେ, ପ୍ରକୃତ ଅର୍ଥରେ କହିବାକୁ ଗଲେ ସେ ଜଣେ ୱାକ଼ଫେ ଜିନ୍ଦେଗୀ (ଉତ୍ସର୍ଗୀକୃତ ବ୍ୟକ୍ତି) ଥିଲେ । ସେ କେବେହେଲେ ଅଫିସ୍ (କାର୍ଯ୍ୟାଳୟ) ଆସିବାରେ ଅବହେଳା କରି ନାହାନ୍ତି ଏବଂ ପ୍ରକାଶନ ଓ ଅନୁବାଦର କାର୍ଯ୍ୟରେ ଶେଷମୁହୂର୍ତ୍ତ ପର୍ଯ୍ୟନ୍ତ ସେ ଅଭ୍ୟସ୍ତ ଥିଲେ । ସେ ଟଲ୍ଲିନ ହୋଇ ଅନୁବାଦ କରୁଥିଲେ ଏବଂ ଉପଯୁକ୍ତ ରୂଢି ସନ୍ଧାନ କରିବାରେ ମଧ୍ୟ ବେଳେବେଳେ ତାଙ୍କୁ ଅନେକ ଦିନ ସମୟ ବିତାଇବାକୁ (ଦେବାକୁ ,ଅତିବାହିତ) କରିବାକୁ ପଡୁଥିଲା । ସେ ଅତ୍ୟୁଚ୍ଚ ଆଜ୍ଞାନୁବର୍ତ୍ତୀତା ଓ ଆଜ୍ଞାବହତା ପରି ବିଶିଷ୍ଟ ଗୁଣାବଳୀର ଅଧିକାରୀ ଥିଲେ ।

ଖାଲିଦ୍ ସାହେବ୍ ରଷୀୟ ଡ଼େସ୍କ ଲଣ୍ଡନ ଉଲ୍ଲେଖ କରନ୍ତି ଯେ, ଯେତେବେଳେ ମୋ ମସ୍ତିଷ୍କରେ ମିଆଁ ସେହେବଙ୍କ ପରି ବିଶିଷ୍ଟ ବ୍ୟକ୍ତିତ୍ୱଙ୍କ ବିଷୟରେ ଚିନ୍ତା ଆସୁଥିଲା ସେତେବେଳେ ମୋତେ ଏହା ମନେ ହେଉଥିଲା ଯେ, ଯେପରି ତାଙ୍କର ଅସ୍ତିତ୍ୱ ଆଁହଜ଼ରତ୍ ସ.ଅଙ୍କର ପବିତ୍ର ହଦିସ୍ ଅନୁଯାୟୀ ଯେ, **ଉତଲୁବୁଲ୍ ଇଲମା ମିନଲ୍ ମହଦ ଇଲଲ୍ ଲହଦର** ପ୍ରକୃତ ଏବଂ ବ୍ୟାବହାରିକ ଚିତ୍ର ସଦୃଶ ଥିଲା । ମିଆଁ ସାହେବଙ୍କୁ ବିଭିନ୍ନ ଜ୍ଞାନ ଶିଖିବାର ଅତ୍ୟନ୍ତ ରୁଚି ଓ ଆଗ୍ରହ ରହିଥିଲା । କୌଣସି ନୂତନ କଥା ଜାଣିବା ଏବଂ କିଛି ନୂଆ ଶିଖିବାର ଅବସର କଦାପି ସେ ବ୍ୟର୍ଥ ହେବାକୁ ଦେଉ ନଥିଲେ ବା ହାତଛଡ଼ା କରୁ ନଥିଲେ । ଇଲମେ ହଦିସ୍ ତାଙ୍କର ସବୁଠୁ ପ୍ରିୟ ବିଷୟ ଥିଲା ।

ଆମେରିକାର ମୁବଲ୍ଲିଗ୍ ଶମଶାଦ୍ ସାହେବ୍ ବର୍ଣ୍ଣନା କରନ୍ତି ଯେ, ସେ ସର୍ବଦା ମୁବଲ୍ଲିଗମାନଙ୍କ ମନରେ ତବଲିଗ୍ ପ୍ରତି ଉତ୍ସାହ ଓ ଉଦ୍ଦୀପନା ଜାଗ୍ରତ କରିବା ପାଇଁ ସେ ବହୁତ ଚେଷ୍ଟା କରୁଥିଲେ । ଅଧ୍ୟୟନ ପ୍ରତି ତାଙ୍କର ବହୁତ ଆଗ୍ରହ ଓ ଅଭିରୁଚି ରହିଥିଲା । ସେହିପରି ସେ ମୁବଲ୍ଲିଗମାନଙ୍କୁ ମଧ୍ୟ ବାରମ୍ବାର ଅଧ୍ୟୟନ ପ୍ରତି ପ୍ରବର୍ତ୍ତାଉଥିଲେ ଏବଂ ନିଜେ ମଧ୍ୟ ସର୍ବଦା କାର୍ଯ୍ୟାଳୟରେ ପୁସ୍ତକର ସ୍ତୁପ ଏକତ୍ର କରି ରଖୁଥିଲେ । ସର୍ବାଧିକ ରୂପେ ସେ ବୁଖାରୀ ଶରିଫର ଅଧ୍ୟୟନ କରୁଥିଲେ । ତାଙ୍କ କାର୍ଯ୍ୟାଳୟରେ ଯାଅ ଆସ କରୁଥିବା ମୁବଲ୍ଲିଗମାନଙ୍କ ସହିତ ଜ୍ଞାନାତ୍ମକ କଥୋପକଥନ ମଧ୍ୟ କରୁଥିଲେ ।

ଘାନାର ମୁବଲ୍ଲିଗ୍ ସାହେବ୍ ଶାହିଦ୍ ମହମୁଦ୍ ସାହେବ୍ ଉଲ୍ଲେଖ କରନ୍ତି ଯେ, ସ୍ୱର୍ଗତ ଅନସ୍ ଅହମଦ୍ ସାହେବଙ୍କ ଠାରେ ହଜ଼ରତ୍ ମସିହ୍ ମଉଦ୍ ଅ.ସଙ୍କ ପ୍ରତି ପ୍ରେମ ଏବଂ ଖିଲାଫତ୍ ପ୍ରତି ପ୍ରେମ ଓ ଆଜ୍ଞାନୁବର୍ତ୍ତିତା, ଆନୁଗତ୍ୟ ଭରପୁର୍ ମାତ୍ରାରେ ଗଚ୍ଛିତ ରହିଥିଲା । ତୁଣ୍ଡରେ ହଜ଼ରତ୍ ମସିହ୍ ମଉଦ୍ଅ.ସଙ୍କ ନାମ ଧରିବା ମାତ୍ରେ ତାଙ୍କ ଆଖିରୁ ଲୁହ ଝରିପଡୁଥିଲା ।

ଋଷୀୟ ଡେସ୍କର ଜଣେ କର୍ମଚାରୀ ଶେଖ୍ ନସିର୍ ଅହମଦ୍ ସାହେବ୍ ବର୍ଣ୍ଣନା କରନ୍ତି ଯେ, ମୁଁ ମିଆଁ ସାହେବଙ୍କ ସହିତ ଦୀର୍ଘ ୧୬ ବର୍ଷ ବୟସ ପର୍ଯ୍ୟନ୍ତ ୱକାଲତେ ଇଶାଅତରେ କାଳାତିପାତ କରିଥିଲେ । ମୁଁ ତାଙ୍କ ଠାରୁ ଅନେକ କଥା ଶିକ୍ଷା କରିଅଛି । ମୁଁ ତାଙ୍କ ସର୍ବଦା ଜଣେ ଶାନ୍ତ ଶିଷ୍ଟ ଓ ଭଦ୍ର ନମ୍ର ସାଙ୍ଗ ପରି ପାଇଛି । ସେ ମୋତେ କେବେହେଲେ ତାଙ୍କ ଅଧୀନସ୍ଥ କର୍ମଚାରୀ ହେବାର ଅନୁଭୂତ ହେବାକୁ ଦେଇ ନାହାନ୍ତି । ମୋତେ ଯେତେବେଳେ ବି ଏହା ପ୍ରତିତ ହେଉଥିଲା କିମ୍ବା ମୁଁ ଏହା ଅନୁଭବ କରୁଥିଲି ଯେ, ମୋର ଅଭିଭାବକ ନାହାନ୍ତି । ସେତେବେଳେ ସେ ସର୍ବଦା ମୋତେ ଏହା କହୁଥିଲେ ଯେ, ତୁମେ ମୋତେ ତାଙ୍କ ସ୍ଥାନରେ ଭାବି (ଗ୍ରହଣ କରି) ପାରିବ ।

ଇଶାଅତର ଜଣେ କର୍ମଚାରୀ ମହମ୍ମଦ୍ ଦିନ୍ ଭଟ୍ଟି ସାହେବ୍ ବର୍ଣ୍ଣନା କରନ୍ତି ଯେ, ସ୍ୱର୍ଗତ ମିଆଁ ସାହେବ୍ ସର୍ବଦା ନିଜର କର୍ମଚାରୀମାନଙ୍କ ପ୍ରତି ବିନମ୍ରତାଭାବ ଅନୁଯାୟୀ ସଦବ୍ୟବହାର ପ୍ରଦର୍ଶନ କରୁଥିଲେ । ଯେତେବେଳେ ବି ସେ ମୋତେ ନିଜ ନିକଟକୁ କୌଣସି କାର୍ଯ୍ୟ ସକାଶେ ଡ଼ାକୁଥିଲେ ସେତେବେଳେ ସେ କହୁଥିଲେ ଯେ, ଚୌକି ଉପରେ ବସି ଯାଆନ୍ତୁ ! ଏହାପରେ ସେ କଥାବାର୍ତ୍ତା ଆରମ୍ଭ କରୁଥିଲେ । ଯେତେବେଳେ ବି ସେ କୌଣସି କର୍ମଚାରୀ ଉପରେ କ୍ରୋଧିତ ହେଉଥିଲେ ସେତେବେଳେ ସେ ଏହାପରେ ଶୀଘ୍ର ବିନୀତ ତଥା ଦୟାଶୀଳ ନୀତି ଅବଲମ୍ବନ କରୁଥିଲେ । ଏପର୍ଯ୍ୟନ୍ତକି କେତେକ ସ୍ଥଳରେ ମଧ୍ୟ ସେ କ୍ଷମାପ୍ରାର୍ଥନା କରିବା ପରି ପରିସ୍ଥିତି ସୃଷ୍ଟି ହୋଇଯାଉଥିଲା ।

ସେହିପରି ଘାନାର ଆଉ ଜଣେ ମୁବଲ୍ଲିଗେ ସିଲସିଲା ଏହେସାନୁଲ୍ଲାଃ ସାହେବ୍ ବର୍ଣ୍ଣନା କରନ୍ତି ଯେ, ମୁଁ ତାଙ୍କ ତତ୍ତ୍ୱାବଧାନରେ ୯ ବର୍ଷ ପର୍ଯ୍ୟନ୍ତ ୱକାଲତ୍ ଇଶାଅତରେ କାର୍ଯ୍ୟରତ ଥିଲି । ସେ ଖିଲାଫତ୍ ପ୍ରତି ପ୍ରେମ ଓ ସମ୍ମାନ ପରି ଆଚରଣରେ ପରିପୂର୍ଣ୍ଣ ଥିଲେ । ଏକଦା ସେ ଏହି ତୁଚ୍ଛକୁ କହିଲେ ଯେ, ମୁଁ ହୁଜୁର୍ ଅ.ବଙ୍କ ନିକଟକୁ ଫ୍ୟାକ୍ସ କରିବା ପାଇଁ ପତ୍ର ଲେଖୁଅଛି ଏବଂ ଏହି ପତ୍ରଟି ଏବେ ପ୍ରେରଣ କରିବାର ଅଛି । ପୁନଶ୍ଚ ସେ ଫ୍ୟାକ୍ସ ପତ୍ର ଲେଖିବାକୁ ଆରମ୍ଭ କଲେ ସେତେବେଳେ ହଜ଼ରତ୍ ଖଲିଫତୁଲ୍ ମସିହ୍ ହିଲ୍ ଖାମିସ୍ ଅ.ବଙ୍କ ଶବ୍ଦ ଲେଖିଲେ ତାଙ୍କ ଉପରେ ଏକ ତଲ୍ଲିନ ଅବସ୍ଥା ଆସିଗଲା ଏବଂ ସେହି ଶବ୍ଦ ନିକଟରେ ସେ କିଛି କ୍ଷଣ ନିଜର ଧ୍ୟାନ କେନ୍ଦ୍ରୀଭୂତ କରି ରଖିଲେ ।

ସେହପରି ୱକାଲତ୍ ଇଶାଅତର ମୁବଲ୍ଲିଗେ ସିଲସିଲା ଆସିଫ୍ ଓୱୈସ୍ ସାହେବ୍ ବର୍ଣ୍ଣନା କରନ୍ତି ଯେ, କିଛି ମାସ ପୂର୍ବେ ମୋର ନିଯୁକ୍ତି ୱକାଲତେ ଇଶାଅତରେ ହୋଇଥିଲା । ତେଣୁ ମୋ ଜୀବନର ଏହି କିଛି ମାସ ଅଭୁଲା ଓ ଅବିସ୍ମରଣୀୟ ଦିନ ଥିଲା । ପ୍ରତ୍ୟେକ ମୁହୂର୍ତ୍ତରେ ସେ ମୋର ଧ୍ୟାନ ଓ ଯତ୍ନ ରଖୁଥିଲେ ।

ମୋର ଏବଂ ତାଙ୍କର ବୟସରେ ଅନ୍ୟୁନ ୫୫ ବର୍ଷର ଅନ୍ତର ଥିଲା । କିନ୍ତୁ ତାଙ୍କ ସାଙ୍ଗରେ ରହି ମୋତେ ଏହା ଅନୁଭୂତ ହେଉଥିଲା ଯେ, ଯେପରି ବୟସର ସୀମା କେବଳ ନାମକୁ ମାତ୍ର । ତାଙ୍କର କଥୋପକଥନ ଅତ୍ୟନ୍ତ ମନମୁଗ୍ଧକର ହେଉଥିଲା, ସଭାକୁ ଆକାର୍ଷଣୀୟ ତଥା ମନୋରମ କରିବା ପାଇଁ ସେ ସର୍ବଦା ଥଟ୍ଟା ମଧ୍ୟ କରୁଥିଲେ । ମୋ ଦାୟୀତ୍ୱରେ ତାଙ୍କର ଗୋଟିଏ ପୁସ୍ତକ **ମସନଦ୍ ଅହମଦ୍ ବିନ୍ ହମ୍ବଲର** କାର୍ଯ୍ୟ ନ୍ୟସ୍ତ ଥିଲା । ଏହିପରି ବାର୍ଦ୍ଧକ୍ୟ ବୟସ ତଥା ସ୍ୱାସ୍ଥ୍ୟାବସ୍ଥାକୁ ଖାତିର ନକରି ତାଙ୍କ ଠାରେ ଏକପ୍ରକାରର ଅଦ୍ଭୁତ ସାହାସ ରହିଥିଲା । ତାଙ୍କ ମନରେ ନୈରାଶ୍ୟ ଅଥବା କାମ ସଂପୂର୍ଣ୍ଣ ନହେବାର ଚିନ୍ତା ତାଙ୍କ ଠାରେ ଆଦୌ ପରିଲକ୍ଷିତ ହେଉ ନଥିଲା।

ଯାମିୟା ଅହମଦିୟା ରବୱାର ବିଦ୍ୟାର୍ଥୀ ମହମ୍ମଦ୍ କାଶିଫ୍ ବର୍ଣ୍ଣନା କରନ୍ତି ଯେ, ଏହି ତୁଚ୍ଛକୁ ଉପସ୍ଥିତ ଖଲିଫାଙ୍କ ବ୍ୟକ୍ତିଗତ ସହାୟକଙ୍କ ସମ୍ବନ୍ଧରେ ଗବେଷଣା ପ୍ରବନ୍ଧ ଲେଖିବାର ସୌଭାଗ୍ୟ ପ୍ରାପ୍ତ ହେଲା ଏବଂ ଏହି ଉଦ୍ଦେଶ୍ୟକୁ କେନ୍ଦ୍ର କରି ବିଗତ କିଛି ମାସ ଧରି ମୁଁ ତାଙ୍କ ସେବାରେ ଅନେକ ଥର ଉପସ୍ଥିତ ହୋଇ ଆସୁଥିଲି । **ଅଲହମଦୁ ଲିଲ୍ଲାଃ** (ସକଳ ପ୍ରଶଂସା କେବଳ ଅଲ୍ଲାଃତାଲାଙ୍କ ପାଇଁ ଉଦ୍ଦିଷ୍ଟ) ସେ ଏହି ତୁଚ୍ଛ ପାଇଁ ଅତ୍ୟନ୍ତ ପ୍ରେମପୂର୍ଣ୍ଣ ଭଙ୍ଗୀରେ ନିଜର ବହୁମୂଲ୍ୟ ସମୟକୁ ବ୍ୟୟ କରୁଥିଲେ । ରୋଗରେ ମଧ୍ୟ ସେ ବ୍ୟାଖ୍ୟାନମୂଳକ ସାକ୍ଷାତକାର ପାଇଁ ସମୟ ଦେଉଥିଲେ । ଏକଦା ଅତ୍ୟନ୍ତ କୋହଭରା ଶବ୍ଦରେ କହିବାକୁ ଲାଗିଲେ ଯେ, ମନୁଷ୍ୟର ପ୍ରଚେଷ୍ଟା ଏବଂ ପରିଶ୍ରମ କିଛି ବି ନୁହେଁ । ଏହା

ହିଁ ମୋ ଜୀବନର ସାରାଂଶ । ଯାହାକିଛି ଅଛି ତାହା ସବୁ କେବଳ ଅଲ୍ଲାଃତାଲାଙ୍କର କୃପା ଅଟେ । ପୁନଶ୍ଚ ସେ ଖିଲାଫତ୍ ଆଡ଼କୁ ନିଜକୁ ଅନ୍ତର୍ଭୁକ୍ତ କରାଉଥିଲେ ।

ରବୱାରୁ ଆସିଫ୍ ଅହମଦ୍ ଜ଼ଫର୍ ସାହେବ୍ ଉଲ୍ଲେଖ କରନ୍ତି ଯେ, ବିୟୋଗର କିଛି ଦିନ ପୂର୍ବରୁ ସେ ତାହେର୍ ହାର୍ଟ ଠାରେ ଚିକିତ୍ସାଧୀନ ଥିଲେ । ମୁଁ ତାଙ୍କ ନିକଟକୁ ରୋଗୀ ପରିଦର୍ଶନ ନିମନ୍ତେ ଗଲି । ତାଙ୍କୁ ଅସହ୍ୟ କଷ୍ଟ ଓ ପୀଡ଼ା ହେବା ସତ୍ତ୍ୱେ ବି ସେ ନିଜର ମାସ୍କ ଓହ୍ଲାଇଲେ ଏବଂ କଥାବାର୍ତ୍ତା ଆରମ୍ଭ କରିଦେଲେ । ପ୍ରତ୍ୟୁତ୍ତରରେ ମୁଁ କହିଲି ଯେ, ମିଆଁ ସାହେବ୍ ଅଲ୍ଲାଃତାଲା ନିଶ୍ଚୟ ନିଜର କୃପା କରିବେ **ଇନଶା ଅଲ୍ଲାଃ** । ସେ ଉତ୍ତରରେ ଦେଲେ ଯେ, ଅଲ୍ଲାଃତାଲାଙ୍କର ନିଜ ନିକଟକୁ ଡ଼ାକି ନେବାଟା ମଧ୍ୟ ଏକ ପ୍ରକାରର କୃପା ଅଟେ । ଆସିଫ୍ ସାହେବ୍ ଉଲ୍ଲେଖ କରନ୍ତି ଯେ, ମୁଁ ତାଙ୍କର ଏହି ଉକ୍ତି ଶୁଣି ନିସ୍ତବ୍ଧ, ନିରୁତ୍ତର ତଥା ଆଶ୍ଚର୍ଯିତ ହୋଇଗଲି ଯେ, ଏପରି ଗୁରୁତର ଅବସ୍ଥାରେ ମଧ୍ୟ ତାଙ୍କୁ ଅଲ୍ଲାଃତାଲାଙ୍କ ଉପରେ କେତେ ଦୃଢ ବିଶ୍ୱାସ ରହିଥିଲା ଏବଂ ମୃତ୍ୟୁ ବିଷୟରେ ତାଙ୍କୁ କୌଣସି ଚିନ୍ତା ବା ଭୟ ନଥିଲା।

ହୁଜୁରେ ଅନୱର୍ କହିଲେ : ତାଙ୍କର ଖିଲାଫତ୍ ସହିତ ଯେଉଁ ଦୃଢ ସଂପର୍କ ରହିଥିଲା ତତ୍ ସଂକ୍ରାନ୍ତରେ ବିଭିନ୍ନ ପ୍ରକାରର ଲୋକମାନେ ଭିନ୍ନ ଭିନ୍ନ ମତାମତ ରଖିଛନ୍ତି । ତହିଁରେ କୌଣସି ଅତିଶୟୋକ୍ତି ନାହିଁ । ବରଂ ଏହାଠୁ ବି ଅଧିକ ତାଙ୍କର ଖିଲାଫତ୍ ସହିତ ସଂପର୍କ ଥିଲା । ନିଜର ପ୍ରତ୍ୟେକ କର୍ମ ତଥା ଆଚରଣରୁ ସେ ଏହି ସଂପର୍କର ଦୃଷ୍ଟାନ୍ତ ଦର୍ଶାଇଛନ୍ତି । ବରଂ ଯେତେବେଳେ ହଜ଼ରତ ଖଲିଫତୁଲ୍ ମସିହ୍ ରାବେ ରେ.ଅ ତାଙ୍କୁ ଅମିରେ ମକାମି (ସ୍ଥାନୀୟ ଅମିର୍) ଏବଂ ନାଜ଼ିରେ ଆଲା (ଉଚ୍ଚ ପ୍ରଶାସନିକ ମନ୍ତ୍ରୀ) ରୂପେ ନିଯୁକ୍ତ କଲେ ସେତେବେଳେ ମଧ୍ୟ ସେ ଖିଲାଫତ୍ ପ୍ରତି ଆଜ୍ଞାବହତା କାରଣରୁ ତାଙ୍କୁ ସଂପୂର୍ଣ୍ଣ ରୂପେ ତାଙ୍କୁ ଅମିରର ଦାୟୀତ୍ୱଭାର ତୁଲାଇଥିଲେ ଏବଂ ଖଲିଫାଙ୍କ ଆଦେଶକୁ ସେ ବହୁତ ସମ୍ମାନ ଜଣାଇଥିଲେ । ମୁଁ ତାଙ୍କ ଠାରୁ ୧୩, ୧୪ ବର୍ଷର ସାନ ହେବା ସତ୍ତ୍ୱେ ମଧ୍ୟ ସେ ଖିଲାଫତ୍ ପ୍ରତି ସର୍ବୋଚ୍ଚ ଆଜ୍ଞାବହତା ଏବଂ ଖିଲାଫତ୍ ପ୍ରତି ସର୍ବଦା ପ୍ରତିଜ୍ଞାବଦ୍ଧ ତଥା ପ୍ରତିବଦ୍ଧତାର ଉଦାହରଣ ଦର୍ଶାଇଛନ୍ତି ଏବଂ ଖିଲାଫତ୍ ପରେ (ଅର୍ଥାତ୍ ପାକିସ୍ତାନରୁ ଖଲିଫା ରାବେ ର.ଅଙ୍କ ପ୍ରବାସ) ମଧ୍ୟ ସେ ଏହିପରି ସଂପୂର୍ଣ୍ଣ ଆଜ୍ଞାବହତାର ଉଦାହରଣ ଦର୍ଶାଇଛନ୍ତି ।

ଅଲ୍ଲାଃତାଲାଙ୍କର ଯେଉଁସବୁ କୃପା ରହିଛି ତାହାକୁ ପ୍ରାପ୍ତ କରିବା ପାଇଁ ସେ ଯେଉଁ ଦୃଷ୍ଟାନ୍ତ ଏବଂ ଉଦାହରଣ ଦର୍ଶାଇଛନ୍ତି ଅଲ୍ଲାଃତାଲା ତାଙ୍କ ସହିତ ଦୟା ଏବଂ କ୍ଷମାଶୀଳ ହୋଇ ବ୍ୟବହାର ପ୍ରଦର୍ଶନ କରନ୍ତୁ ଏବଂ ତାଙ୍କର ପବିତ୍ର ଅଭିଳାଷାକୁ ମଧ୍ୟ ପୂର୍ଣ୍ଣ କରନ୍ତୁ । ଅଲ୍ଲାଃତାଲାଙ୍କର ପ୍ରିୟ ସ୍ୱର୍ଗାରୋହୀ ଲୋକମାନଙ୍କ ମଧ୍ୟରେ ତାଙ୍କୁ ଶରଣ ଦିଅନ୍ତୁ ଏବଂ ତାଙ୍କର ସନ୍ତାନସନ୍ତତିମାନଙ୍କୁ ମଧ୍ୟ ଖିଲାଫତ୍ ସହିତ ପ୍ରତିଜ୍ଞାବଦ୍ଧତାର ସମ୍ପର୍କ ସ୍ଥାପନକାରୀ କରିବାର ସାମର୍ଥ୍ୟ ପ୍ରଦାନ କରନ୍ତୁ । ଯେତେବେଳେ ମିର୍ଜା ଗୁଲାମ୍ ଅହମଦ୍ ସାହେବଙ୍କର ବିୟୋଗ ହୋଇଥିଲା ସେତେବେଳେ ସେ ସ୍ୱପ୍ନ ଦେଖିଥିଲେ ଯେ, ଯେତେବେଳେ ମିଆଁ ସାହେବଙ୍କର ବିୟୋଗ ହୋଇଥିଲା ସେତେବେଳର ନିକଟବର୍ତ୍ତୀ ସମୟରେ ମୁଁ ସ୍ୱପ୍ନରେ ଏହା ଦେଖୁଥିଲି ଯେ, ଭାଇ ଖୁରଶିଦ୍ ଏବଂ ମିଆଁ ଅହମଦୁଲ୍ଲାଃ ଅଲ୍ଲାଃତାଲାଙ୍କ ନିକଟକୁ ଚାଲିଯାଇଛନ୍ତି ଏବଂ ତାଙ୍କର ସାକ୍ଷାତ୍ ଆଁହଜ଼ରତ୍ ସ.ଅ ଏବଂ ହଜ଼ରତ୍ ମସିହ୍ ମଉଦ୍ ଅ.ସଙ୍କ ସହିତ ହୋଇଛି । ସେତେବେଳେ ମୋ ମନରେ ଏହି ଆକାଂକ୍ଷାଟି ଉଦ୍ଦୀପିତ ହେଲା ଯେ, ଅଲ୍ଲାଃତାଲା କରନ୍ତୁକି ମୋର ବି ଏହିପରି ସାକ୍ଷାତ୍ ହୋଇଯାଉ । ସୁତରାଂ ମୁଁ କହିଲି ଯେ, ହେ ଅଲ୍ଲାଃ ! ମୋତେ ମଧ୍ୟ ନିଜ ପାଖକୁ ନେଇ ଯାଅ । ତେବେ ଅଲ୍ଲାଃତାଲା କହିଲେ ଯେ, ତୁମ୍ଭେ ସମ୍ମୁଖକୁ ଆସିଯାଅ । ଏହିପରିଭାବେ ଅଲ୍ଲାଃତାଲା ତାଙ୍କୁ ନିଜ ନିକଟରେ ସ୍ଥାନ ଦେଲେ । ଅଲ୍ଲାଃତାଲା ତାଙ୍କୁ ମୋକ୍ଷ ପ୍ରାପ୍ତି ଏବଂ ଦୟାର ସୂଚନା ଦେଇସାରିଥିଲେ । ଅଲ୍ଲାଃତାଲା ସ୍ୱର୍ଗରେ ତାଙ୍କର ସ୍ତରକୁ ବୃଦ୍ଧି କରନ୍ତୁ ଏବଂ ତାଙ୍କର ଆଗାମୀ ବଂଶଧରମାନେ ମଧ୍ୟ ପୁଣ୍ୟବାନ, ଦୟାଳୁ, ସଚ୍ଚରିତ୍ର ତଥା ସଦାଚାରୀ ହୁଅନ୍ତୁ । (ଆମିନ୍)

**KHULASA KHUTBA JUMA HUZOOR ANWAR a.b.a**

**........................................................**

**21st DEC 2018**

**..................**